
# ଆସ ବାଣ୍ଟିବା




କେଉଁ ଦଳରେ କେତେ ରହିଲେ ହିସାବ କରି କହ ।

ଠେକୁଆ ଥିଲେ ୧୮,

ସେମାନେ ଦଳ ହେଲେ ୩ଟି,

ପ୍ରତି ଦଳରେ ଠେକୁଆ ରହିଲେ ୬ଟି ।




କୁକୁଡ଼ା ଛୁଆ ...........ଟି ।



ସେମାନେ ଦଳ ହେଲେ................ ଟି        ପ୍ରତି ଦଳରେ କୁକୁଡ଼ା ଛୁଆ ରହିଲେ.......... ଟି

- ଫୁଲଗୁଡ଼ିକୁ ନେଇ ୨ଟି ମାଳ ତିଆରି କର ।



ଗୋଟିଏ ମାଳରେ ଫୁଲ  ରହିଲା ——— ଟି ।

- ଝୁମା, ଜଲି, ଜିଲୁ ଓ ମିଲୁ କୋଳି ଖାଇବାକୁ ଅଳିକଲେ । ଆଈ କହିଲେ, "ଠିକ୍ ଅଛି, ତୁମ୍ଭେମାନେ ବସ । ମୁଁ ୧୨ଟି କୋଳି ଆଣିଛି । ସମାନ ଭାଗ କରି ବାଣ୍ଟି ଦେବି, କାହାର କମ୍ ବେଶୀ ହେବ ନାହିଁ ।"

  ଆଈ କିପରି ଚାରି ସମାନ ଭାଗ କଲେ ?

  ଆଈ ପ୍ରଥମେ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ କୋଳି ଦେଲେ ।



ଆଈଙ୍କ ପାଖରେ ଆଉ କେତୋଟି କୋଳି ରହିଲା ?

ତା' ପରେ ଆଈ ସମସ୍ତଙ୍କୁ ଆଉ ଗୋଟିଏ ଲେଖାଏଁ ଦେଲେ ।



ଏବେ ପ୍ରତ୍ୟେକ କେତୋଟି ଲେଖାଏଁ କୋଳି ପାଇଲେ ?

ଆଈଙ୍କ ପାଖରେ ଆଉ କେତୋଟି ରହିଲା ?

ଆଈ ପୁଣି ଗୋଟିଏ ଲେଖାଏଁ ସମସ୍ତଙ୍କୁ ଦେଲେ ।

ଆଈଙ୍କ ପାଖରେ ଆଉ କୋଳି ନାହିଁ । ସବୁ ବାଣ୍ଟି ଦେଲେ ।



ଏବେ, ପ୍ରତ୍ୟେକ କେତୋଟି ଲେଖାଏଁ କୋଳି ପାଇଲେ ? ______________

ଆଇ କେତୋଟି କୋଳି ଆଣିଥିଲେ ? ________ କୋଳି କେତେ ସମାନ ଭାଗ ହେଲା ? ________

ଜଣଙ୍କ ଭାଗରେ କେତୋଟି ପଡ଼ିଲା ? ____________

ଏହି କଥାକୁ ଅନ୍ୟ ପ୍ରକାରେ କହିଲେ –

୧୨ଟି କୋଳିକୁ ୪ ସମାନ ଭାଗ କଲେ ପ୍ରତ୍ୟେକ ଭାଗରେ ୩ଟି ଲେଖାଏଁ କୋଳି ରହିବ ।


ସଂକ୍ଷେପରେ, ୧୨ ÷ ୪ = ୩,


ଏଠାରେ ୧୨ ହେଉଛି ଭାଜ୍ୟ, ୪ ହେଉଛି ଭାଜକ, ୩ ହେଉଛି ଭାଗଫଳ ।


## ଅଭ୍ୟାସ

୧. **ଚିତ୍ର ଦେଖି ଲେଖ ।**

(କ)  ୬ ÷ ୩ = ୨

(ଖ)  ୯ ÷ ୩ = ____

(ଗ)  ୮ ÷ ୨ = ____

(ଘ)  ୧୨ ÷ ୪ = ____

୨. ପ୍ରତି ଭାଗରେ ୪ଟି କେତୋଟି ଭାଗ



୨୦ ÷ ___୪___ = ___୫___

(ଖ) ପ୍ରତି ଭାଗରେ ୬ଟି, କେତୋଟି ଭାଗ




___ ÷ ___ = ___

(ଗ) ପ୍ରତି ଭାଗରେ ୫ଟି କେତୋଟି ଭାଗ



___ ÷ ___ = ___

୩. ସୂଚନା ଅନୁଯାୟୀ ଜିନିଷଗୁଡ଼ିକୁ ଗୋଲ ବୁଲାଇ ଏକାଠି କର ଓ ଖାଲିଘର ପୂରଣ କର ।

| ଜିନିଷ | ସୂଚନା | ଭାଗ | ହରଣରେ ପ୍ରକାଶ |
|---|---|---|---|
| (କ)  | ଗୋଟିଏ ଭାଗରେ ୨ଟି ଫଳ | ଭାଗସଂଖ୍ୟା ୪ | ୮ ÷ ୨ = ୪ |
| (ଖ)  | ଗୋଟିଏ ଭାଗରେ ୩ଟି ଚକୋଲେଟ | | |

| ଜିନିଷ | ସୂଚନା | ଭାଗସଂଖ୍ୟା | ହରଣରେ ପ୍ରକାଶ |
|---|---|---|---|
| (ଗ)  | ଗୋଟିଏ ଭାଗରେ ୬ଟି ନଟୁ | | |
| (ଘ)  | ଗୋଟିଏ ଭାଗରେ ୪ଟି କଦଳୀ | | |
| (ଙ)  | ଗୋଟିଏ ଭାଗରେ ୬ଟି ବଲ | | |
| (ଚ)  | ଗୋଟିଏ ଭାଗରେ ୭ଟି ଫୁଲ | | |

୪. ଗଛରୁ ୧୮ଟି ନଡ଼ିଆ ତୋଳା ହେଲା । ରହିମ୍ ଥରକେ ୨ଟି ଲେଖାଏଁ ନଡ଼ିଆ ଘରକୁ ନେଲା । ସେ କେତେ ଥରରେ ସବୁ ନଡ଼ିଆକୁ ଘରକୁ ନେବ ?



୫. ଉଦାହରଣ ଦେଖି ଖାଲି ଘର ପୂରଣ କର ।

| | | |
|---|---|---|
| ୫ × ୨ = ୧୦ | ୧୦ ÷ ୨ = ୫ | ୧୦ ÷ ୫ = ୨ |
| ୪ × ୩ = ୧୨ | ୧୨ ÷ ୩ = ୪ | |
| ୬ × ୫ = ୩୦ | | |
| ୭ × ୪ = ୨୮ | | |
| ୯ × ୫ = ୪୫ | | |
| ୮ × ୪ = ୩୨ | | |

୬. ପାଖ ଟେବୁଲରୁ ଖୋଜ ଓ ଖାତାରେ ଲେଖ ।

(କ) ୩ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ –

(ଖ) ୫ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ –

(ଗ) ୬ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ –

(ଘ) ୪ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ –

(ଙ) ୯ ଦ୍ୱାରା ଭାଗ ହୋଇପାରୁଥିବା ସଂଖ୍ୟା ଗୁଡ଼ିକ –

| | | | |
|---|---|---|---|
| ୧୫ | ୨୦ | ୧୧ | ୬ |
| ୩ | ୮ | ୨୫ | ୧୨ |
| ୨୪ | ୯ | ୩୫ | ୭ |
| ୧୮ | ୫ | ୨୧ | ୧୬ |
| ୧୫ | ୨୭ | ୮ | ୩୧ |

୭.

| ୬ | ୧୦ | ୧୨ |
|---|---|---|


ତଳ କାର୍ଡ଼ଗୁଡ଼ିକର ମୂଲ୍ୟ ନିର୍ଣ୍ଣୟ କର ଓ ଉପର ସଂଖ୍ୟାକୁ ଲକ୍ଷ୍ୟ କରି ସେଥିରେ ରଙ୍ଗ ଦିଅ ।

| | | | | |
|---|---|---|---|---|
| ୨୦ ÷ ୨ | ୧ × ୧୨ | ୧୨ ÷ ୨ | ୨ × ୬ | ୧୦ × ୧ |
| ୨୪ ÷ ୪ | ୨ × ୩ | ୩୬ ÷ ୩ | ୧ × ୬ | ୧୮ ÷ ୩ |
| ୨ × ୫ | ୨୪ ÷ ୨ | ୧୮ ÷ ୩ | ୩ × ୪ | ୩୦ ÷ ୩ |

୮. ବେଲୁନଗୁଡ଼ିକ ୪ ଜଣ ପିଲା ସମାନ ଭାବେ ବାଣ୍ଟି ନେଲେ । ପ୍ରତି ପିଲା କେତୋଟି ଲେଖାଏଁ ବେଲୁନ୍ ନେବେ ?



୯.



ଚକଗୁଡ଼ିକୁ କେତୋଟି ରିକ୍ସାରେ ଲଗାଯାଇପାରିବ ?

**୧୦. ହରଣ କ୍ରିୟାକୁ ଦେଖି ବିନ୍ଦୁରେ ସଜାଅ ।**

- ଉଦାହରଣ

୧୫ ÷ ୫ = ୩



(କ) ୧୮ ÷ ୩ = ୬

(ଖ) ୨୮ ÷ ୪ = ୭

(ଗ) ୩୨ ÷ ୮ = ୪


(ଘ) ୩୫ ÷ ୭ = ୫



## କ୍ରମାନ୍ୱୟରେ ବିୟୋଗ ଦ୍ୱାରା ହରଣ :




ଅଣ୍ଡା ଥିଲା ୮ଟି
ପ୍ରଥମେ ଛୁଆ ହେଲେ ୨ଟି
ଅଣ୍ଡା ରହିଲା କେତୋଟି ?



$$\begin{array}{r} ୮ \\ -୨ \\ \hline ୬ଟି \end{array}$$

ପୁଣି ଛୁଆ ହେଲେ ୨ଟି
ଅଣ୍ଡା ରହିଲା କେତୋଟି ?




$$\begin{array}{r} ୬ \\ -୨ \\ \hline ୪ଟି \end{array}$$

ପୁଣି ଛୁଆ ହେଲେ ୨ଟି
ଅଣ୍ଡା ରହିଲା କେତୋଟି ?



$$\begin{array}{r} ୪ \\ -୨ \\ \hline ୨ଟି \end{array}$$

ପୁଣି ଛୁଆ ହେଲେ ୨ଟି
ଅଣ୍ଡା ରହିଲା କେତୋଟି ?



$$\begin{array}{r} ୨ \\ -୨ \\ \hline ୦ \end{array}$$

କେତୋଟି ଅଣ୍ଡା ଥିଲା ? ☐
ପ୍ରତି ଥର କେତୋଟି ଅଣ୍ଡାରୁ ଛୁଆ ବାହାରିଲେ ? ☐
କେତେ ଥରରେ ୮ଟି ଅଣ୍ଡାରୁ ଛୁଆ ହେଲେ ? ☐
ଶେଷରେ ଆଉ କେତୋଟି ଅଣ୍ଡା ରହିଲା ? ☐

୮ଟି ଅଣ୍ଡା ଥିଲା ।

ପ୍ରତିଥର ୨ଟି ଲେଖାଏଁ ଅଣ୍ଡାରୁ ଛୁଆ ବାହାରିଲେ ।

୪ ଥରରେ ସବୁ ଅଣ୍ଡାରୁ ଛୁଆ ବାହାରିଲେ ।

ସଂକ୍ଷେପରେ, ୮ ÷ ୨ = ୪

- **ସେହିପରି ୧୮ ରୁ ୩ ଲେଖାଏଁ ବିୟୋଗ କରି ଚାଲ -**

| | |
|---|---|
| ୧୮ - ୩ = ୧୫ | '୩' ବିୟୋଗ ହେଲା ୧ ଥର |
| ୧୫ - ୩ = ୧୨ | '୩' ବିୟୋଗ ହେଲା ୧ ଥର |
| ୧୨ - ୩ = ୯ | '୩' ବିୟୋଗ ହେଲା ୧ ଥର |
| ୯ - ୩ = ୬ | '୩' ବିୟୋଗ ହେଲା ୧ ଥର |
| ୬ - ୩ = ୩ | '୩' ବିୟୋଗ ହେଲା ୧ ଥର |
| ୩ - ୩ = ୦ | '୩' ବିୟୋଗ ହେଲା ୧ ଥର |
| | ମୋଟ ବିୟୋଗ ହେଲା ୬ ଥର |

ଏହାକୁ ହରଣ କ୍ରିୟାରେ କିପରି ଲେଖା ହେବ ? ଦେଖ । ୧୮ ÷ ୩ =୬

## ଅଭ୍ୟାସ

**୧. କେତେଥର ଯାଇ ପାରିବ ଦେଖ ଓ ପୂରଣ କର ।**

| ୧୨ ରୁ ୪ | ୧୮ ରୁ ୬ | ୨୮ ରୁ ୭ | ୩୫ ରୁ ୫ | ୩୨ ରୁ ୮ |
|---|---|---|---|---|
| ୧୨<br>−୪ (୧ଥର) | | | | |
| ୮<br>−୪ (୨ଥର) | | | | |
| ୪<br>−୪ (୩ଥର) | | | | |
| ୦<br>୧୨ ÷ ୪ = ୩ | | | | |

୨. ସୂଚନା ଅନୁଯାୟୀ ବସ୍ତୁଗୁଡ଼ିକରେ ଗୋଲ ବୁଲାଅ । ଖାଲି ଘର ପୂରଣ କର ।

| ବସ୍ତୁ | ସୂଚନା | ଭାଗସଂଖ୍ୟା | ହରଣ ପ୍ରକ୍ରିୟା (କ୍ରମିକ ବିୟୋଗ) |
|---|---|---|---|
|  | ଗୋଟିଏ ଭାଗରେ ୫ଟି ଗ୍ଲାସ୍ | ୩ | ୧୫−୫ = ୧୦<br>୧୦−୫ = ୫<br>୫−୫ = ୦<br>ଅର୍ଥାତ୍<br>୧୫ ÷ ୫ = ୩ |
|  | ଗୋଟିଏ ଭାଗରେ ୩ଟି କପ୍ | | |
|  | ଗୋଟିଏ ଭାଗରେ ୭ଟି ମଗ୍ | | |
|  | ଗୋଟିଏ ଭାଗରେ ୬ଟି ଚାମଚ୍ | | |
|  | ଗୋଟିଏ ଭାଗରେ ୪ଟି ବଲ୍ବ | | |

୩. ପ୍ରତ୍ୟେକ ଧାଡ଼ିର ଗୁଣନକୁ କିପରି ଭାଗକ୍ରିୟାରେ ପ୍ରକାଶ କରାଯିବ ଲେଖ ।

| | | |
|---|---|---|
| ୫ × ୪ = ୨୦ | ୨୦÷୪=୫ | ୨୦ ÷ ୫ = ୪ |
| ୬ × ୮ = ୪୮ | ..... ÷ ....... = ......... | ........ ÷ ........ = ........ |
| ........ × ....... = ....... | ୩୫ ÷ ୭ = ୫ .......... | ........ ÷ ........ = ........ |
| ........ × ....... = ....... | ........ ÷ ....... = ....... | ୨୪ ÷ ୩ = ୮ |
| ୯ × ୬ = ୫୪ | ..... ÷ ....... = ......... | ........ ÷ ........ = ........ |

୪. ହରଣ କ୍ରିୟାକୁ ଦେଖି ବିନ୍ଦୁରେ ସଜାଅ ।

(କ) ୪୦ ÷ ୫ = ୮

(ଖ) ୬୩ ÷ ୭ = ୯

(ଗ) ୪୮ ÷ ୬ = ୮

(ଘ) ୨୭ ÷ ୯ = ୩

(ଙ) ୭୨ ÷ ୮ = ୯

୫. ଗୁଣନ ଖନ୍ଦା ମନେ ପକାଇ ଶୂନ୍ୟସ୍ଥାନ ପୂରଣ କର ।

୮ ÷ ୨ = .......... ୩୫ ÷ ୭ = ..........

୧୨ ÷ ୩ = ........ ୪୫ ÷ ୯ = ..........

୩୫ ÷ ୫ = .......... ୪୦ ÷ ୮ = .........

୩୦ ÷ ୬ = .......... ୨୪ ÷ ୪ = ..........

୬. ବଡ଼ ସଂଖ୍ୟାରୁ ସାନ ସଂଖ୍ୟାଟିକୁ କେତେ ଥର ବିୟୋଗ କରାଯାଇପାରିବ କହ ଏବଂ ଏହାକୁ ହରଣ ପ୍ରକ୍ରିୟାରେ ପ୍ରକାଶ କର ।

(କ) ୨୮ ରୁ ୭ (ଖ) ୩୫ ରୁ ୫ (ଗ) ୪୨ ରୁ ୬

(ଘ) ୫୬ ରୁ ୮ (ଙ) ୭୨ ରୁ ୯

୭. ଶୂନ୍ୟସ୍ଥାନ ପୂରଣ କର ।

(କ) ୮୧ ÷ ୯ = ................

(ଖ) ୪୯ ÷ ୭ = ................

(ଗ) ୭୦ ÷ ୧୦ = .............

(ଘ) ୩୦ ÷ ୧୦ = .............

(ଙ) .......... ÷ ୧୦ = ୪

୮. **ପ୍ରତିଥର ୧୦ ଲେଖାଏଁ ବିୟୋଗ କରି ପ୍ରତ୍ୟେକ କ୍ଷେତ୍ରରେ ଭାଗଫଳ ନିର୍ଣ୍ଣୟ କର ।**

୩୦ ÷ ୧୦ = ୩

୫୦ ÷ ୧୦ = ୫

୭୦ ÷ ୧୦ =

୯୦ ÷ ୧୦ =

୧୧୦ ÷ ୧୦ =

୧୪୦ ÷ ୧୦ =

୨୦୦ ÷ ୧୦ =

୧୮୦ ÷ ୧୦ =

(କ) ଏଠାରେ ଭାଜ୍ୟ ଓ ଭାଗଫଳ ମଧ୍ୟରେ କ'ଣ ସମ୍ପର୍କ ଦେଖୁଛ ?

(ଖ) ଏଥିରୁ ଆମେ କ'ଣ ଜାଣିଲେ ?

**ଏକକ ଘରେ ଶୂନ ଥିବା କୌଣସି ସଂଖ୍ୟାକୁ ୧୦ରେ ହରିଲେ ସେହି ସଂଖ୍ୟାର ଏକକ ସ୍ଥାନରେ ଥିବା ଶୂନ (୦) ଉଠିଯାଇ ଯେଉଁ ସଂଖ୍ୟା ମିଳେ ତାହା ଭାଗଫଳ ହୋଇଯାଏ ।**

| | |
|---|---|
| ୯. (କ) ତୃତୀୟ ଶ୍ରେଣୀର ପିଲା ସଂଖ୍ୟା ୩୬ । ପ୍ରତି ଧାଡ଼ିରେ ୪ ଜଣ ଲେଖାଏଁ ପିଲା ବସିଲେ, କେତୋଟି ଧାଡ଼ିରେ ସବୁପିଲା ବସିବେ ? | |
| (ଖ) ଗୋଟିଏ ବିସ୍କୁଟ୍ ପ୍ୟାକେଟର ଦାମ୍ ୫ ଟଙ୍କା । ମଦନ ପାଖରେ ୨୫ ଟଙ୍କା ଅଛି, ସେ କେତୋଟି ବିସ୍କୁଟ୍ ପ୍ୟାକେଟ କିଣିବ ? | |
| (ଗ) ୨୭ ମିଟର ଲମ୍ବ ଏକ ଦଉଡ଼ିରୁ ୩ ମିଟର ଲମ୍ବର କେତେ ଖଣ୍ଡ ଦଉଡ଼ି କଟାଯାଇପାରିବ ? | |
| (ଘ) ୭୨ଟି ବାଇଗଣ ଚାରାକୁ ଗୋଟିଏ କିଆରିରେ ଧାଡ଼ି ଧାଡ଼ି କରି ଲଗାଇଲା । ପ୍ରତି ଧାଡ଼ିରେ ୮ଟି ଚାରା ଲଗାଯାଇଥିଲେ କେତୋଟି ଧାଡ଼ି ହେବ ? | |